**ସଂକ୍ଷେପରେ**

## ମହିଳାଙ୍କ ସୁନାଚେନ୍, ମଙ୍ଗଳସୂତ୍ର ଲୁଟିନେଲେ ଦୁର୍ବୃତ୍ତ

ଧର୍ମଶାଳା,୯।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା-କବାଟବନ୍ଧ ହାଇଲେଭଲ କେନାଲ ବନ୍ଧ ରାସ୍ତାର ଇମାମନଗର ଗାଁ ନିକଟରେ ସୋମବାର ରାତି ପ୍ରାୟ ୮ଟାରେ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଲୁଟ୍ ହୋଇଛି। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଜେନାପୁର ଥାନା କୁସୁନପୁର ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୬୮।୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଜିତେନ୍ଦ୍ର ସ୍ତ୍ରୀ ଜ୍ୟୋତିର୍ମୟୀ ଓ ଝିଅ କଣ୍ଢେଇଙ୍କୁ ବାଇକ୍‌ରେ ବସାଇ ଶ୍ୱଶୁରଘର ମିର୍ଜାପୁର ଗାଁରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଏକ ସ୍ପିଡ୍ ବାଇକ୍‌ରେ ସେମାନଙ୍କୁ ନାକପୋଲ ଲକ୍ଷଛକ ନିକଟରୁ ପିଛା କରିଥିଲେ। ଇମାମନଗର ଗାଁ ତାରିଣୀ ମନ୍ଦିର ନିକଟରେ ଥିବା ହମ୍ପସ୍‌ରେ ଜିତେନ୍ଦ୍ର ବାଇକ୍ ଗତି କମାଇଦେବାରୁ ଦୁର୍ବୃତ୍ତ ଜଣକ ଜ୍ୟୋତିର୍ମୟୀ ପିନ୍ଧିଥିବା ସୁନାଚେନ୍ ଓ ମଙ୍ଗଳସୂତ୍ରକୁ ଝାମ୍ପିନେଇ କୁଆଁରା ଆଡ଼େ ଚମ୍ପଟ ମାରିଥିଲେ। ଲୁଟ୍ ସୁନା ମୋଟ ୨୫ଗ୍ରାମ୍‌ର ହେବ। ଏହାର ବଜାର ଦର ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

# ଭୋଟକୁ ଓଲଟପାଲଟ କରିପାରେ ଚାଷୀ ସଙ୍ଗଠନ

ଯାଜପୁର,୯।୪(ହର୍ଷବର୍ଦ୍ଧନ ବେହେରା):

**ଯାଜପୁର ଜିଲା ରାଜନୀତି**
- ନିର୍ବାଚନରେ ଚାଷୀଙ୍କ ଆବିର୍ଭାବ
- ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ନେବେ ପ୍ରମୁଖ ଭୂମିକା

ଯାଜପୁର ଲୋକସଭା ଆସନ ସମେତ ଜିଲାର ୭ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଚାଷୀ ସଙ୍ଗଠନ, ବିଦ୍ରୋହୀ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଭାବଶାଳୀ ଉପସ୍ଥିତି ପ୍ରତିଦ୍ୱନ୍ଦ୍ୱିତାର ଚିତ୍ରକୁ ପ୍ରଭାବିତ କରୁଛି। ମୋଟାମୋଟି ଭାବେ ସବୁଠି କଡ଼ା ମୁକାବିଲା ହେବାର ସମ୍ଭାବନା ଉପୁଜିଛି । ଦଳୀୟ ଟିକେଟ୍ ପାଇଥିବା ପ୍ରାର୍ଥୀଙ୍କ ଭରସା ଦଳର ଭାବମୂର୍ତ୍ତି । କିଭଳି ଭୋଟରଙ୍କ ନିକଟତର ହୋଇ ପାରିବେ, କ'ଣ ରହିବ ପ୍ରଚାରର ମାଧ୍ୟମ, କେଉଁ ହାଇପ୍ରୋଫାଇଲ ନେତାଙ୍କୁ ସାଥିରେ ନେଲେ ଭୋଟରଙ୍କ ମନ କିଣି ହେବ ସେହି ସବୁ ଦିଗକୁ ରାଜନୈତିକ ଦଳମାନେ ଅତି ନିକଟରୁ ପରଖି ନେଉଛନ୍ତି। ହାରଜିତ୍ ସବୁଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ସକ୍ରିୟ ହୋଇଥିବା ଚାଷୀ ସଙ୍ଗଠନ ଏବଂ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଫଳାଫଳକୁ ଓଲଟପାଲଟ କରି ଦେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ନବ ନିର୍ମାଣ କୃଷକ ସଙ୍ଗଠନର ଆହ୍ୱାନରେ କୃଷକ ପ୍ରତିନିଧିମାନଙ୍କୁ ବିଧାନସଭା ପଠାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବରୀରୁ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ନିର୍ବାଚନ ଲଢ଼ିବାକୁ ଅଣ୍ଟା ଭିଡିଛନ୍ତି। ସେ କୃଷକ ନେତୃବର୍ଗମାନଙ୍କୁ ସାଙ୍ଗରେ ଧରି ଦୈନନ୍ଦିନ ସକାଳୁ ରାତି ୧୧ ଯାଏଁ ପ୍ରଚାର କାମରେ ଲାଗି ପଡିଛନ୍ତି। ମଙ୍ଗଳବାର ରସୁଲପୁର ବ୍ଲକ ଅନ୍ତର୍ଗତ ୩୬ ନମ୍ବର ଜୋନ୍‌ର ୧୦ ପଞ୍ଚାୟତର କୃଷକମାନଙ୍କୁ ନେଇ କ୍ଷେତ୍ରପାଳ ମନ୍ଦିରରେ ଏକ ନିର୍ବାଚନୀ ବୈଠକର ଆୟୋଜନ ହୋଇଛି। ଉକ୍ତ ସଭାରେ ଚାଷୀ ସଂଗଠନ ପକ୍ଷରୁ ନିମାଇଁ ୭୦ ପ୍ରତିଶତ ଭାଗ ଚାଷୀଙ୍କ ଭୋଟ ଆଧାରରେ ଆମେ ଜିତିପାରିବା ଓ ସରକାର୍ ମଧ୍ୟ ଗଢ଼ିପାରିବା ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଚାଷୀ ସୁରକ୍ଷା ଭତ୍ତା ମାସିକ ୫୦୦୦ ଟଙ୍କା, ସମସ୍ତ ଜମିକୁ ଜଳସେଚନ, ଧାନ କୁଇଣ୍ଟାଲ ପ୍ରତି ୩୪୦୦ ଟଙ୍କା କରି ମଣ୍ଡିଗୁଡିକର ସୁପରିଚାଳନା, ସମ୍ପୂର୍ଣ୍ଣ ମଦ ଉଚ୍ଛେଦ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତାକୁ ୩୦୦୦କୁ ବୃଦ୍ଧି କରିବା, ଚାଷୀଙ୍କୁ ବିଜୁଳି ଛାଡ଼, ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ଆହ୍ୱାନ ଦେଇଛନ୍ତି । ରାଜନୀତିରେ ଚାଷୀଙ୍କ ଆବିର୍ଭାବ ଶାସକ ଓ ବିରୋଧୀଙ୍କ ପାଇଁ ଚିନ୍ତା ବଢାଇଛି। ନବନିର୍ମାଣ କୃଷକ ସଙ୍ଗଠନର ଚାଷୀମାନଙ୍କ ଉପରେ ବିଜେଡି ସରକାର ଯେଭଳି ଅନ୍ୟାୟ ଅତ୍ୟାଚାର କରିଛନ୍ତି ତାକୁ ଭୁଲି ନାହାନ୍ତି ବୋଲି କୃଷକ ନେତାମାନେ କହୁଛନ୍ତି । କାଳିଆ ଯୋଜନା ଏହି ସଙ୍ଗଠନକୁ ସନ୍ତୁଷ୍ଟ କରିପାରି ନାହିଁ । କୃଷକମାନଙ୍କଠାରୁ ଗଣତାନ୍ତ୍ରିକ ଅଧିକାର ସରକାର ଛଡେଇ ନେଇଛନ୍ତି । ପୋଲିସ ପ୍ରଶାସନକୁ ଲଗାଇ କୃଷକମାନଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଛନ୍ତି । ଚାଷୀଙ୍କୁ ନିଜର ଦାବି ଜଣାଇବାକୁ ସରକାର ରାଜଧାନୀରେ ପହଞ୍ଚିବାକୁ ସୁଯୋଗ ଦେଇ ନାହିଁ। ଅମାନବୀୟ ଭାବେ ଚାଷୀମାନଙ୍କୁ ଏକାଧିକ ଥର ରାସ୍ତାରୁ ପୋଲିସ ଉଠାଇ ନେଇଛି । ଏଥିରେ କଂଗ୍ରେସ ଓ ଭାଜପା ସିଧାସଳଖ ସମର୍ଥନ ଜଣାଇ ନ ଥିଲେ ହେଁ ମାନସିକ ଭାବେ ସହଯୋଗ କରିଛି। ଜିଲାର କୋରେଇ ନିର୍ବାଚନ ମଣ୍ଡଳୀର ପ୍ରାୟ ଅଧା ଅଞ୍ଚଳ ସମେତ ଧର୍ମଶାଳା, ବରୀ, ବଡ଼ଚଣା ଓ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାଷୀ ସଙ୍ଗଠନ ତାର ପ୍ରୟୋଗଶାଳାରେ ପରିଣତ କରିଛି । ତେଣୁ ଚଳିତ ସାଧାରଣ ନିର୍ବାଚନରେ ଚାଷୀ ସଙ୍ଗଠନ ଶାସକ ଦଳ ପାଇଁ ଘାତକ ସାଜିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ସରକାର ଧାନର ଅଭାବି ବିକ୍ରୀ ପରିସ୍ଥିତିରେ ସୁଧାର କରିବା ଲକ୍ଷ୍ୟ ନେଇ ଚାଷୀ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ରେ ଧାନ ବିକ୍ରୀ କରିବାକୁ ଯୋଜନା ହୋଇଥିଲା। କିନ୍ତୁ ଗତ ୧୦ବର୍ଷ ହେବ ଯାଜପୁର ଜିଲାର ପାକ୍ସଗୁଡିକରେ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ପାକ୍ସରେ ଚାଷୀ ଧାନ ଦେଇ ପ୍ରାପ୍ୟ ନ ପାଇବା, ଟୋକନ ପାଇ ଧାନ ବିକ୍ରୀ ନ ହେବା ଭଳି ଗୁରୁତର ଅଭିଯୋଗ ହୋଇଛି। ପୂର୍ବରୁ ମାର୍କଣ୍ଡପୁର ପାକ୍ସ ଅଧୀନରେ ଜମି ନ ଥାଇ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ନାମରେ ଲକ୍ଷାଧିକ ଟଙ୍କାର ଧାନ ବିକ୍ରୀ ହୋଇଥିବାର ଅଭିଯୋଗ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ୩୭ ହଜାର ଚାଷୀ ଧାନ ବିକ୍ରୀ କରିଥିବାବେଳେ ୧୫ ହଜାର ଚାଷୀ ଅଭାବୀ ବିକ୍ରୀର ଶିକାର ହୋଇ ବେପାରୀଙ୍କୁ ଧାନ ବିକ୍ରୀ କରିଛନ୍ତି। ଦଶରଥପୁର ବ୍ଲକ ଅକରପଡା ପଞ୍ଚାୟତରେ ଏକ ଦମ୍ପତି ମୋଟ ୧୩୭୮ କୁଇଣ୍ଟାଲ ଧାନ ବିକ୍ରୀ କରିଛନ୍ତି। ଏହି ଦମ୍ପତିଙ୍କ ୨ ରୁ ୩ ଏକର ଜମି ରହିଛି। ଜଣେ ଚାଷୀ ଏକର ପିଛା ୧୯ କୁଇଣ୍ଟାଲ ଧାନ ବିକ୍ରୀ କରି ପାରିବେ ବୋଲି ନିୟମ ରହିଛି। ତେଣୁ ଏହି ଦମ୍ପତି ଏତେ ପରିମାଣର ଧାନ ବିକ୍ରୀ କରିବା ପାଇଁ ଟୋକନ କିପରି ପାଇଲେ ବୋଲି ପ୍ରଶ୍ନ ଉଠିଛି। ଜିଲାରେ ଧାନ କିଣାରେ ଏଭଳି ଦୁର୍ନୀତି ଏହା ଏକ ଉଦାହରଣ ମାତ୍ର। ପ୍ରାୟ ଅଧିକାଂଶ ପାକ୍ସରେ ଏଭଳି ଦୁର୍ନୀତି କରାଯାଇ ଚାଷୀଙ୍କ ନାମରେ ଶୋଷଣ ହେଉଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ନିର୍ବାଚନରେ ଚାଷୀ ଓ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ କେତେଦୂର ତାଙ୍କ ଲକ୍ଷ୍ୟରେ ସଫଳ ହେଉଛନ୍ତି ତାହା ଆଗାମୀ ଦିନର ଫଳାଫଳରୁ ସ୍ପଷ୍ଟ ଜଣାପଡିବ ବୋଲି ମତପ୍ରକାଶ ପାଇଛି।


ନିର୍ବାଚନୀ ସଭାରେ ଯୋଗଦେଇଥିବା ଚାଷୀ ସଂଗଠନର କର୍ମକର୍ତ୍ତା।

## ଗାଡ଼ି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ

ଯାଜପୁର ସଦର,୯।୪(ସମର ବିଜୟ ଶରଣ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ପରିବହନ ବିଭାଗ ପକ୍ଷରୁ ୧୩୩ ଯାନ ଅଧିଗ୍ରହଣ କରାଯାଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମରେ ୨ ବସ ଓ ୫ ବୋଲେରୋ ଗାଡ଼ି ପରିବହନ ଅଧିକାରୀଙ୍କ ନିୟମ ମାନି ନ ଥିଲେ। ଏହି ଗାଡ଼ିଗୁଡ଼ିକର ମାଲିକମାନଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ହେବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଜାରି ରହିଛି ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଆଗାମୀ ଜୁନରେ ଜିଲାରେ ହେବାକୁ ଥିବା ନିର୍ବାଚନରେ ଅଧିଗ୍ରହଣ କରାଯାଇଥିବା ଗାଡ଼ିଗୁଡ଼ିକ ଠିକ ସମୟରେ କାର୍ଯ୍ୟରେ ଯୋଗ ଦେବାକୁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସରପଞ୍ଚଙ୍କ ମାତୃ ବିୟୋଗ

ଚଣ୍ଡିଖୋଲ,୯।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳିପୁର ପଞ୍ଚାୟତର ସରପଞ୍ଚ ସେକ୍ ଅବଦୁଲ ଗନିଙ୍କ ମାତା କମରୁନ ନେସା ବିବି (୯୭)ଙ୍କ ମଙ୍ଗଳବାର ନିଜ ବାସଭବନ ମଦନି ନଗରଠାରେ ବିୟୋଗ ହୋଇଯାଇଛି। ଦୀର୍ଘ ଦିନ ହେବ ସେ ଅସୁସ୍ଥ ଥିଲେ। ତାଙ୍କ ବିୟୋଗ ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ଅଜୟ କୁମାର ସାମଲ, ସେକ୍ ରିୟାସତ ଅଲ୍ଲି, ଗୋଲାମ କିବିରିୟା ଖାଁ, ସେକ ଇକବାଲ ହୋସେନ ଓ ସଞ୍ଜୟ କୁମାର ଖୁଣ୍ଟିଆ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି।

## ବାଇକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

ବାହାନଗା, ୯।୪(ଅରୂପ କୁମାର ଦାସ)

ବାହାନଗା ତହସିଲ କାର୍ଯ୍ୟାଳୟର ନିକଟରେ ଏକ ବାଇକ୍ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ତଥା ଅରଳା ଗ୍ରାମର ଜିତେନ୍ଦ୍ର ଦାସଙ୍କ ପୁଅ ଶିବାନୀ ଦାସ (୧୪)। ବିଦ୍ୟାଳୟ ଛୁଟି ହେବା ପରେ ସେ ଘରକୁ ଫେରୁଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଉକ୍ତ ବାଇକ୍ ଏକ ମାଟି ବୋଝେଇ ଟ୍ରାକ୍ଟରକୁ ସାଇଡ୍ ଦେବା ବେଳେ ଶିବାନୀଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ସେ ସାଇକେଲ ସହିତ ତଳେ ପଡିଯାଇଥିଲେ। ଫଳରେ ଶିବାନୀଙ୍କ ଉପରେ ବାଇକ୍ ଚଢିଯିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ଲୋକେ ଉଦ୍ଧାର କରି ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରୁ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

## ବିରଜାଙ୍କୁ ପୂଜାର୍ଚ୍ଚନା ପରେ ପ୍ରଚାର ଆରମ୍ଭକଲେ ଆକାଶ


ବିରଜା ମନ୍ଦିର ଦର୍ଶନକରି ଫେରୁଛନ୍ତି ଆକାଶ ଦାସନାୟକ ଓ ତାଙ୍କ ସମର୍ଥକ।

ଯାଜପୁର/ଯାଜପୁର ଟାଉନ, ୯।୪(ହର୍ଷବର୍ଦ୍ଧନ ବେହେରା/ ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

କୋରେଇ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଆକାଶ ଦାସନାୟକ ମଙ୍ଗଳବାର ତାଙ୍କ କର୍ମୀମାନଙ୍କ ସହିତ ମା' ବିରଜା ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପୂର୍ବତନ ବିଧାୟକ ଆକାଶ ଦାସନାୟକ ବିଜେଡିରୁ ଇସ୍ତଫା ଦେବା ପରେ ଜିଲା ରାଜନୀତି ଏକପ୍ରକାର ସରଗରମ ହୋଇ ପଡିଛି। ବିଶେଷକରି କୋରେଇ ଆସନରେ ବିଜେଡି କାହାକୁ ଟିକେଟ୍ ଦେବ ଏଯାଏ ସ୍ଥିର କରି ପାରିନାହିଁ। ବରିଷ୍ଠ ରାଜନୀତିଜ୍ଞ ଅଶୋକ ଦାସ ଓ ପ୍ରଫୁଲ୍ଲ ଘଡେଇଙ୍କ ପରିବାର ସଦସ୍ୟଙ୍କ ଏହି ଆସନ ପ୍ରତି ନଜର ରହିଛି। କିନ୍ତୁ ବିଜେଡି ପରିବାରବାଦ ରାଜନୀତି ନିଦାରୁ ମୁକୁଳିବାକୁ ବର୍ତ୍ତମାନର ବିଧାୟକ ଅଶୋକ ବଳଙ୍କୁ ଟିକେଟ୍ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷେ ପ୍ରଚାର ଆରମ୍ଭ ସମୟରେ ଭାଜପାର ବରିଷ୍ଠ ନେତା ବିଶ୍ୱଜିତ ନାୟକ କିମ୍ବା ଆଲେକଜାଣ୍ଡାର ଦାସ ଓ ତାଙ୍କ ସମସ୍ତ ସମର୍ଥକମାନେ ଉପସ୍ଥିତ ନ ରହିବା ଆକାଶଙ୍କୁ ଅଡୁଆ ହୋଇପାରେ ବୋଲି ଆଶଙ୍କା କରାଯାଇଛି। ଅସନ୍ତୋଷର ନିଆଁ ଏତେ କୁହୁଳୁଛି ଯେ, ଦଳର ଶୀର୍ଷ ନେତୃତ୍ୱଙ୍କ ରକ୍ତଚାପ ବଢି ଯାଇଛି ବୋଲି ଆଲୋଚନା ହେଉଛି। ତେବେ ଆକାଶଙ୍କ ଶାନ୍ତ ସ୍ୱଭାବ ବଳରେ ଅସନ୍ତୁଷ୍ଟଙ୍କୁ ବୁଝାଶୁଝା କରି ଦଳୀୟ ସଙ୍ଗଠନକୁ ଆହୁରି ଶକ୍ତିଶାଳୀ କରିବାକୁ ଚେଷ୍ଟା ଚାଲିଥିବା ଜଣାପଡିଛି। ଅନ୍ୟପକ୍ଷେ ବିଜେଡିର ଶତାଧିକ କର୍ମୀ ଏବେ ଆକାଶଙ୍କ ଶିବିରରେ ରହିଥିବାରୁ ବିଜେଡି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥିପାଇଁ ଆକାଶଙ୍କୁ ଚେକ୍ ଦେବାକୁ ନିଜେ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ପ୍ରାର୍ଥୀ କରିବାକୁ ତାଙ୍କ ସମର୍ଥକମାନେ ଅଡି ବସିଛନ୍ତି। ଅନ୍ୟପକ୍ଷେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ସ୍ତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ କୋରେଇ ବିଜେଡିରୁ ପ୍ରାର୍ଥୀ ହେବାକୁ ତାଙ୍କ ଇଚ୍ଛା ପ୍ରକଟ କରି ସାରିଛନ୍ତି। ଏଭଳି ସ୍ଥିତିରେ ବିଜେଡିରେ ଦୁଇ ଶକ୍ତିଶାଳୀ ପରିବାରଙ୍କ ମଧ୍ୟରେ ହେଉଥିବା ଶୀତଳ ଯୁଦ୍ଧରେ ତୃତୀୟ ବ୍ୟକ୍ତି ଲାଭ ଉଠାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏପରି କି ଗତ କଂଗ୍ରେସ ପ୍ରାର୍ଥୀନୀ ବନ୍ଦିତା ପରିଡ଼ା ମଧ୍ୟ ବିଜେଡିରେ ଯୋଗଦେଇ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଶୁଣିବାକୁ ମିଳିଛି। ଏଭଳି ଛକାପଞ୍ଝାରେ କେବଳ ଭାଜପା ପ୍ରାର୍ଥୀ ଘୋଷଣା କରି ବହୁ ଆଗରେ ରହିଛି। ଏହାବାଦ୍ କଂଗ୍ରେସର ହରେକୃଷ୍ଣ ସାହୁ ଓ ବିଦ୍ୟାଧର ମହାନ୍ତି ଏବଂ ବିଜେଡି ମହିଳା ଜିଲା ସଭାନେତ୍ରୀ ସବିତା ରାଉତ, ପୂର୍ବତନ ପୌରପାଳ ରସାନନ୍ଦ ମହାନ୍ତି, ପୌରାଧକ୍ଷା ସଙ୍ଗିତା ପିଙ୍ଗୁଆ, ବିଜେଡିର ପ୍ରୀତିରଞ୍ଜନ ସାହୁ ପ୍ରମୁଖ ପ୍ରାର୍ଥୀ ଦୌଡରେ ରହିଛନ୍ତି।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

କାଳିଆପାଣି,୯।୪(ଅସିତ ମହାନ୍ତ):

ସୁକିନ୍ଦା ବ୍ଲକ୍ ଅଧୀନ କଲରଙ୍ଗୀଅଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଜୟ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ସମ୍ବନ୍ଧରେ ବାକ୍ତବ୍ୟ ରଖିଥିଲେ। ପ୍ରତି ବର୍ଷ ଇଂରାଜୀ ନବବର୍ଷ ପାଳନ କରିବା ବଦଳରେ ଏହି ଦିନକୁ ପାଳନ କରିବାକୁ ସେ ଉପଦେଶ ଦେଇଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ନବବର୍ଷ ପାଳିତ

ପାଣିକୋଇଲି,୯।୪(ବିକାଶ ମଲ୍ଲିକ):

ପାଣିକୋଇଲି ଏସ୍‌ଆଇଆଇଟି କମ୍ପ୍ୟୁଟର କେନ୍ଦ୍ର ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ସଂସ୍ଥାର ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ପ୍ରଥମେ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏହି ଦିବସର ପାଳନର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।

## ଇଦ୍ ପାଇଁ ଶାନ୍ତି କମିଟି ବୈଠକ


ବିଞ୍ଝାରପୁର ଥାନା ଅଧିକାରୀ ସଂଖ୍ୟାଲଘୁ ସମ୍ପ୍ରଦାୟ ମୁରବୀଙ୍କ ସହ ଆଲୋଚନା କରୁଛନ୍ତି।

ବିଞ୍ଝାରପୁର,୯।୪(ରାମକୃଷ୍ଣ ଦାସ):

ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଗଣପର୍ବ ଇଦ୍ ଆସନ୍ତା ଗୁରୁବାର ୧୧ ତାରିଖରେ ପାଳନ କରାଯିବ। ଏଥିନେଇ ମଙ୍ଗଳବାର ବିଞ୍ଝାରପୁର ଥାନା ଅଧିକାରୀ ଅଂଶୁମାଳା ଦାସଙ୍କ ନେତୃତ୍ୱରେ ଥାନା ପରିସରରେ ବିଞ୍ଝାରପୁର, ସୟଦପୁର ପଞ୍ଚାୟତର ସଂଖ୍ୟାଲଘୁ ଗୁରୁଜନ ଓ ଲୋକପ୍ରତିନିଧିମାନଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ସୟଦପୁର ସରପଞ୍ଚ ଏମ୍‌ଡି ସବିର, ବିଞ୍ଝାରପୁର ବ୍ଲକ ଉପାଧ୍ୟକ୍ଷ ସେକ୍ ଏରସାଦ, ଯୁବ ସାମାଜିକ କର୍ମୀ ସୁଖରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଇଦ୍ ପର୍ବ କିଭଳି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇପାରିବ ସେଥିନେଇ ଥାନା ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ବିଞ୍ଝାରପୁର ଅଞ୍ଚଳ ଏକ ଭାଇଚାରାର ଅଞ୍ଚଳ ବୋଲି ମତବ୍ୟକ୍ତ କରିଥିଲେ। ଇଦ୍ ସମୟରେ କାଫ୍‌ଲାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ଅଧିକ ଶବ୍ଦ ପ୍ରଦୂଷଣ ନ କରି ଶୋଭାଯାତ୍ରା ସମାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ଏସ୍‌ଆଇଆଇଟି କମ୍ପ୍ୟୁଟର କେନ୍ଦ୍ରରେ ଅନୁଷ୍ଠିତ ରାଷ୍ଟ୍ରୀୟ ନବବର୍ଷରେ ଉପସ୍ଥିତ ଛାତ୍ରୀଛାତ୍ର।

## ମା' ଖଣ୍ଡୁରାଇଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ


ମା' ଖଣ୍ଡୁରାଇଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଅନୁଷ୍ଠିତ କଳସ ଯାତ୍ରା।

କଳିଙ୍ଗନଗର,୯।୪(ଶୁଭାଶିଷ ରାଉତ):

କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ଧୂଳିଗଡ଼ ପଞ୍ଚାୟତ ମାନଗୋବିନ୍ଦପୁର ଗାଁରେ ୩ ଦିନ ବ୍ୟାପୀ ଗ୍ରାମଦେବତୀ ମା'ଖଣ୍ଡୁରାଇଙ୍କ ନୂତନ ମନ୍ଦିର ଓ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ଗ୍ରାମର ସାମାଜିକ କର୍ମୀ ମଦନମୋହନ ସାହୁ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଥମ ଦିବସରେ ଯଜ୍ଞ ଅଧିବାସ, ଅଙ୍କୁରାପଣ, ମା'ଙ୍କ ବିଗ୍ରହଙ୍କ ଧାନ୍ୟାଧିବାସ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ଗାଁର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। କଳସ ଯାତ୍ରା ଗ୍ରାମ ପରିକ୍ରମା କରି ଦେବୀଙ୍କ ପୀଠରେ ପହଞ୍ଚିବା ପରେ ମା'ଙ୍କ ମହାସ୍ନାନ ନୀତି ଓ ଶୟନ ହୋଇଥିଲା। ଶେଷ ଦିବସରେ ଶ୍ରୀବିଗ୍ରହଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ପ୍ରତିଦିନ ମା'ଙ୍କ ପୀଠରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞ ହୋଇଥିବାବେଳେ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଉତ୍ସବରେ ଆଖପାଖ ଅଞ୍ଚଳର ଭକ୍ତ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ।

## ମନୀଷ ସାହୁ ହେଲେ ବିଜେଡି ଜିଲା ଉପସଭାପତି

ଝୁମ୍ପୁରୀ,୯।୪(ସରୋଜ ନାୟକ):



ଦଶରଥପୁର ବ୍ଲକ୍‌ର ପୂର୍ବତନ ଯୁବ ବିଜେଡି ସଭାପତି ମନୀଷ କୁମାର ସାହୁଙ୍କୁ ଜିଲା ବିଜେଡି ଉପସଭାପତିଭାବେ ନିଯୁକ୍ତି ଦିଆଯାଇଛି। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଏକ ପ୍ରେସ୍ ଇସ୍ତାହାରରେ ଏହି ସୂଚନା ଦେଇଛନ୍ତି। ୨୦୦୯ରୁ ବିଜେଡିରେ ଜଣେ ଯୁବନେତାଭାବେ କାର୍ଯ୍ୟ କରୁଥିବା ମନୀଷ ଦଶରଥପୁର ବ୍ଲକ୍‌ରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବାକୁ କାର୍ଯ୍ୟ କରିଆସୁଛନ୍ତି। ଦଶରଥପୁର ପଞ୍ଚାୟତ ତୁଳାଟିଆ ସାହି ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ଶରତ ସାହୁଙ୍କ ପୁତ୍ର ମନୀଷଙ୍କୁ ଏହି ନିଯୁକ୍ତି ଦିଆଯାଇଥିବାରୁ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ଜିଲା ସଭାପତି ମହାପାତ୍ର ଓ ବରିଷ୍ଠ ନେତା କର୍ଣ୍ଣାଟ କେଶରୀ ଦାସ ପ୍ରମୁଖଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଆଗାମୀ ଦିନରେ ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ମନୀଷ କହିଛନ୍ତି।

## ଅଶୋକ ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିବାକୁ ଦାବି

**ବରୀ ନିର୍ବାଚନମଣ୍ଡଳୀ ରାଜନୀତି**

ବରୀ,୯।୪(ମହେନ୍ଦ୍ର ସ୍ୱାଇଁ):

ନିଖିଳ ଉତ୍କଳ ଗୋଲା ସମାଜ ଯାଜପୁର ଶାଖା ତରଫରୁ ମଙ୍ଗଳବାର ବରୀ ବ୍ଲକ୍ ଅଧୀନ ଅଜାଣଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ସମ୍ପ୍ରଦାୟର ଯୁବ ସାମାଜିକ କର୍ମୀ ଅଶୋକ କୁମାର ବେହେରାଙ୍କୁ ବରୀ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ କରିବାକୁ ଦାବି ହୋଇଛି। ସମ୍ପ୍ରଦାୟ ଲୋକେ ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ଏହି ଦାବି ରଖିଛନ୍ତ। ମୁଖ୍ୟମନ୍ତ୍ରୀ, ପାଣ୍ଡିଆନ ଓ ପ୍ରଣବ ଗୋଲା ସମ୍ପ୍ରଦାୟ ପ୍ରତି ନ୍ୟାୟ ପ୍ରଦାନ କରିବେ ବୋଲି ସମ୍ପ୍ରଦାୟର ମକର ଚରଣ ଘଡ଼େଇ, ବୈରାଗୀ ଦାସ, ବୈଷ୍ଣବ ଚରଣ ଦାସ, ଅଜୟ ମଲ୍ଲ ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଆଶାବାଦୀ ଅଛନ୍ତି।

ସମ୍ମିଳନୀରେ ଗୋଲା ସମାଜର ଯାଜପୁର ଜିଲା ସଭାପତି କର୍ଣ୍ଣଚନ୍ଦ୍ର ଘଡ଼େଇ ସଭାପତିତ୍ୱ କରିଥିଲେ। ଅଶୋକ ବରୀ ଅଞ୍ଚଳ ଗୋଲା ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ନିଶ୍ଚିତ ଗୌରବର ବିଷୟ ବୋଲି ସମ୍ପ୍ରଦାୟ ରାଜ୍ୟ ଉପସଭାପତି ଡ. ନୃସିଂହ ଚରଣ ବେହେରା ମତ ରଖିଥିଲେ। ଅନ୍ୟପକ୍ଷରେ ୧୯୪୨ ଅଗଷ୍ଟ ୨୬ରେ ବରୀର କଳାମାଟିଆରେ ଇଂରେଜ ଫୌଜଙ୍କ ଗୁଳିକାଣ୍ଡରେ ଶହୀଦ ହୋଇଥିବା ମାୟାଧର ଭୂୟାଁ ଗୋଲା ସମ୍ପ୍ରଦାୟର। ତେବେ ଦେଶ ସ୍ୱାଧୀନତାର ୭୬ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଏହି ସମ୍ପ୍ରଦାୟକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରାଜନୈତିକ କ୍ଷେତ୍ରରେ ଅଗ୍ରାଧିକାର ଦିଆ ନ ଯିବା ପରିତାପର ବିଷୟ ବୋଲି ସମ୍ପ୍ରଦାୟର ରାଜ୍ୟ ସଂଗଠନ ସମ୍ପାଦକ ଅଭିରାମ ମଲ୍ଲ କହିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗୋଲା ସମାଜର କର୍ମକର୍ତ୍ତା।

# ସମ୍ଭାବ୍ୟ ପ୍ରାର୍ଥୀ ଗଣେଶ୍ୱରଙ୍କୁ ନିର୍ବାଚନମଣ୍ଡଳୀରେ ବିରୋଧ

**କେନ୍ଦ୍ରାପଡ଼ା, ୯।୪ (ଜଗନ୍ନାଥ ଧଳ)**



କେନ୍ଦ୍ରାପଡ଼ା ନିକିରାଇଠାରେ ବିଜେଡି କର୍ମୀମାନେ ସମ୍ଭାବ୍ୟ ଗଣେଶ୍ୱର ବେହେରାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଛନ୍ତି।

ବରିଷ୍ଠ ନେତା ଗଣେଶ୍ୱର ବେହେରା କଂଗ୍ରେସ ଛାଡ଼ି ୭ ତାରିଖରେ ବିଜେଡିରେ ଯୋଗ ଦେଇଥିଲେ। ସେ ବିଜେଡିରେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ସମ୍ଭାବ୍ୟ ବିଧାୟକ ପ୍ରାର୍ଥୀ ଭାବେ ଆଲୋଚନା ଜାରି ରହିଛି। ହେଲେ ବିଜେଡିର ସ୍ଥାନୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବ୍ୟାପକ ହୋଇଛି। ଆମଦାନୀ ନେତାଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀ ରୂପେ ଟିକେଟ ନ ଦେଉ ବୋଲି ୫ ତାରିଖରୁ ଅଦ୍ୟାବଧି ବିରୋଧ ଜାରି ରହିଛି। ୫ ଓ ୬ ତାରିଖରେ ସହରର ତିନିମୁହାଣୀସ୍ଥିତ ଏକ ହୋଟେଲରେ ବିଜୁ ପରିବାରର କର୍ମୀ ସମ୍ମିଳନୀ ବ୍ୟାନର ତଳେ ବିଧାୟକ ଟିକେଟ ଆଶାୟୀ ନେତା ଓ କର୍ମୀମାନେ ଏକାଠି ହୋଇଥିଲେ। ଏଠାରେ ବିଧାୟକ ଟିକେଟ ଆଶାୟୀ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଇଂ. ମୁରଲୀଧର ମଲ୍ଲିକ, ଦୁଷ୍ମନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଦଳୀୟ ସଙ୍ଗଠନକୁ ଦୀର୍ଘଦିନ ଧରି ମଜଭୁତ କରିଥିବା ବ୍ୟକ୍ତିଙ୍କୁ ବିଧାୟକ ଟିକେଟ ଦିଆଯିବା ପାଇଁ ସମସ୍ୱରରେ ପ୍ରସ୍ତାବ ଆସିଥିଲା। ଏପରିକି ୬ ତାରିଖ ସନ୍ଧ୍ୟାରେ ଏମାନଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେଡି କର୍ମକର୍ତ୍ତାଙ୍କୁ ଦିଆଯାଇଥିଲା। ଅଦ୍ୟାବଧି ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିଲେ ମଧ୍ୟ ଗଣେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ବିରୋଧ ଜାରି ରହିଛି। ପ୍ରତ୍ୟେକ ଜୋନ୍ ଅଞ୍ଚଳରେ ଏହି ବିରୋଧ ବ୍ୟାପକ ହେଉଛି। କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିକିରାଇ, ଭାଗବତପୁର, ବଡ ମୂଳବସନ୍ତ ଆଦିରେ ଏହି ପ୍ରତିବାଦ ଦେଖାଦେଇଥିବା ବେଳେ ଆଗାମୀ ଦିନରେ ଓସ୍ତପୁର, ଧୋୟାଅଞ୍ଚଳରେ ହେବ ବୋଲି ପ୍ରସ୍ତୁତି ଚାଲିଛି। ପ୍ରତିବାଦକାରୀଙ୍କ କହିବା ଅନୁଯାୟୀ, ବିଜେଡି ସଙ୍ଗଠନକୁ ତୃଣମୂଳ ସ୍ତରରେ ପହଞ୍ଚାଇଥିବା ନେତା ଅଛନ୍ତି। ଗଣେଶ୍ୱର ଏହି କର୍ମୀ ଓ ନେତାଙ୍କୁ ସବୁବେଳେ ବିରୋଧ କରିବା ସହ ସରକାରଙ୍କୁ ସମାଲୋଚନା କରୁଥିଲେ। ଏବେ ବିଜେଡିରେ ଯୋଗଦେଇଥିଲେ ମଧ୍ୟ ସେ ଦଳ ପାଇଁ ବିଶ୍ୱାସଯୋଗ୍ୟ ପ୍ରାର୍ଥୀ ନୁହନ୍ତି। ଅପରପକ୍ଷରେ ଆଶାୟୀଙ୍କ ମଧ୍ୟରୁ ଜଣଙ୍କୁ ବିଧାୟକ ପ୍ରାର୍ଥୀ କଲେ ଅନ୍ୟମାନେ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ବିଜେଡିର ସଙ୍ଗଠନ ଦୃଢ଼ ରହିବା ସହ ଦଳୀୟ ବିଶୃଙ୍ଖଳା ରହିବ ନାହିଁ। କଂଗ୍ରେସରୁ ଆମଦାନୀ ନେତାଙ୍କୁ ଟିକେଟ ଦିଆ ନ ଯାଉ ବୋଲି ଏହି ପ୍ରତିବାଦ ସଭାରେ ଦେଖିବାକୁ ମିଳୁଛି।

## ୧୪ ଦଫା ଦାବିର ସମାଧାନ ଦାବି କଲା କୃଷକ ସଂଘ


ଜିଲାପାଳଙ୍କ କାର୍ଯ୍ୟାଳୟରେ କୃଷକ ସଂଘର କର୍ମକର୍ତ୍ତାମାନେ ।

**କେନ୍ଦ୍ରାପଡ଼ା, ୯।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏହାସତ୍ତ୍ୱେ କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ ହେଉନାହିଁ। ଏପରି ଅଭିଯୋଗ ଆଣି ଯୁବ ଭାରତ କୃଷକ ସଂଘ କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ୧୪ ଦଫା ସମସ୍ୟାର ସମାଧାନ ଦାବି କରିଛନ୍ତି। ଏ ନେଇ ଜିଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ସ୍ମାରକପତ୍ର ମଙ୍ଗଳବାର ପଠାଇଛନ୍ତି। କୃଷକ ସଂଘ ସଭାପତି ରଞ୍ଜନ କୁମାର ରାଉତ କହିଛନ୍ତି, ଜିଲାରେ ୬୯ ପ୍ରତିଶତ କୃଷକ ଅଛନ୍ତି। ଜଳ, ଜମି ସଙ୍କଟ ସହ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ନାହିଁ। ଭତ୍ତା ଓ କୃଷି ବୀମା ତୃଣମୂଳସ୍ତରର କୃଷକଙ୍କ ନିକଟରେ ପହଞ୍ଚୁ ନାହିଁ। ପ୍ରଶିକ୍ଷଣ ବ୍ୟବସ୍ଥା, କୃଷି ଯୋଜନାରେ ହେରଫେର, ଉତ୍ପାଦ ଦ୍ରବ୍ୟର ସହାୟକ ମୂଲ୍ୟ ନ ମିଳିବା, ଋଣ, କୃଷି, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଆଦିର ସମୀକ୍ଷା ଆବଶ୍ୟକ। ଏସବୁ ସମସ୍ୟାର ସମାଧାନ ନ ହେଲେ କୃଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ରାଉତ କହିଛନ୍ତି। ସ୍ମାରକ ପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା କିଶୋର ଚନ୍ଦ୍ର ମିଶ୍ର, ମିନତି ସୁନ୍ଦରାୟ, ପ୍ରଶାନ୍ତ କୁମାର ପାତ୍ର, ସନ୍ତୋଷ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଝିଅର ମୃତ୍ୟୁ ନେଇ ଗାଁରେ ଉତ୍ତେଜନା

**ପଟ୍ଟାମୁଣ୍ଡାଇ, ୯।୪ (କଳ୍ପତରୁ ନାୟକ)**

**ଅଭିଯୁକ୍ତଙ୍କୁ ଗିରଫ ଦାବି କଲେ ଗ୍ରାମବାସୀ**

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଡ଼ପଡ଼ା ପଞ୍ଚାୟତ ମିଜାଉଁଣୀ ଗାଁରେ ମା' ଛେଉଣ୍ଡ ଝିଅ ସୁଚିତ୍ରା ସ୍ୱାଇଁ (୧୧)ଙ୍କୁ ତାଙ୍କ ଦାଦା ସିଦ୍ଧାନ୍ତ ପିଟି ପିଟି ମାରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନାବାଳିକା ଝିଅର ମୃତଦେହ ଗାଁ ରାସ୍ତା ଉପରେ ରଖି ଅବରୋଧ କରିବା ସହିତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମିଜାଉଁଳି ଗାଁର ସୌଭାଗ୍ୟ ସ୍ୱାଇଁଙ୍କ ପତ୍ନୀ ମୃତ ପରେ ୩ ଝିଅ ଓ ଗୋଟିଏ ପୁଅ ଗାଁରେ ରହୁଥିଲେ। ସୌଭାଗ୍ୟ ବାହାର ରାଜ୍ୟରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ମାତ୍ର ସୋମବାର କୌଣସି କାରଣ ନେଇ ତାଙ୍କ ଦାଦା ସିଦ୍ଧାନ୍ତ ଝିଆରି ସୁଚିତ୍ରାଙ୍କ ମାଡ ମାରି ସକାଳୁ ଫେରାର ହୋଇଯାଇଥିଲେ। ଏହାଦେଖି ସୁଚିତ୍ରାଙ୍କ ଜେଜେ ତ୍ରିଲୋଚନ ସ୍ୱାଇଁ ସୋମବାର ସକାଳୁ ନାତୁଣୀ ସୁଚିତ୍ରାଙ୍କୁ ଚିକିତ୍ସା ଲାଗି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ମାତ୍ର ଡାକ୍ତର ସୁଚିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତ୍ରିଲୋଚନ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ନାତୁଣି ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ ବୋଲି ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା (୭/୨୪)ରୁଜୁ କରିଛି। ପୋଲିସ ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସୁଚିତ୍ରାଙ୍କ ମୃତଦେହ ଗାଁକୁ ଆଣିବା ପରେ ଲୋକେ ରାସ୍ତାରେ ରଖି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ।

## ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ


କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

**ଡେରାବିଶ, ୯।୪ (ବେବର୍ତ୍ତା ଅଜୟ ଦାସ)**

- ଇନ୍ଦୁପୁର ବାରୁଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା
- ଦରିଆପାରି ନୌବାଣିଜ୍ୟ ପରମ୍ପରା କେନ୍ଦ୍ରାପଡ଼ାକୁ ସମୃଦ୍ଧ କରିଥିଲା

କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଇନ୍ଦୁପୁରସ୍ଥିତ ବିରୂପା ନଦୀ ପଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ଇନ୍ଦୁପୁର ବାରୁଣୀ ମହୋତ୍ସବର ମଙ୍ଗଳବାର ଥିଲା ତୃତୀୟ ସନ୍ଧ୍ୟା। ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷକରି କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ଆଧ୍ୟାତ୍ମିକ ସଙ୍ଗୀତର ନୃତ୍ୟରେ ଝୁମିଥିଲେ ଦର୍ଶକ। ଅନୁକୂଳ ପାଗ ଥିବାରୁ ନଦୀକୂଳିଆ ଶୀତଳ ପବନରେ ଭରପୂର ଦର୍ଶକ କଳାକାରଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା। ଦେବାଶିଷ ସାମଲଙ୍କ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକସ୍ଥିତ ଏକ ମେଲୋଡି ଟିମ୍‌ର କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ପରିବେଶକୁ ବିଭୋର କରିଥିଲା। ଏହି ଅବସରରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ଇଂ. ଶତ୍ରୁଘ୍ନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଭକ୍ତରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲିକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନୀଳମାଧବ ପତି ଓ ପ୍ରତାପ ଦାସ ଯୋଗଦେଇ ଉତ୍କଳୀୟ ଦରିଆପାରି ନୌବାଣିଜ୍ୟ ପରମ୍ପରା କେନ୍ଦ୍ରାପଡ଼ା ଜିଲାକୁ ସମୃଦ୍ଧ କରିଥିବା ଉପରେ ଆଲୋକପାତ କରିଥିଲେ। ସାଧବ ୭ ଭାଇଙ୍କ ଦରିଆପାରିର ଜାଭା, ବର୍ମିଓ, ବାଲି ଦ୍ୱୀପ ଓ ଶ୍ରୀଲଙ୍କା ଭଳି ଦେଶ ସହ ବାଣିଜ୍ୟିକ ସମ୍ପର୍କ ଉତ୍କଳୀୟ ସଂସ୍କୃତିକୁ ଉଜ୍ଜୀବିତ କରିଥିବା ନେଇ ବକ୍ତାମାନେ ନିଜର ମତ ରଖିଥିଲେ। ଏଥିରେ ମହୋତ୍ସବ କମିଟିର ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର ସ୍ୱାଗତ ଭାଷଣ, ଚନ୍ଦନ କୁମାର ସାହୁ ଅତିଥି ପରିଚୟ ଓ ଶେଷରେ ଶିକ୍ଷାବିତ୍ ମୁରଲିଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଆଜିର କାର୍ଯ୍ୟକ୍ରମକୁ ସାଗର ଜେନା, ପ୍ରକାଶ ଚନ୍ଦ୍ର ଜେନା, ଜ୍ଞାନେନ୍ଦ୍ର ବାରିକ, ରାମନାରାୟଣ ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ତାଳଧ୍ୱଜ ସମ୍ପାଦକ ସମ୍ମାନ ପାଇଲେ କବି ଶଶିକାନ୍ତ ଦାସ

**ଆଳି, ୯।୪ (ବନମାଳୀ ସେନାପତି)**

ଆଳିରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ପଲକ'ର ସମ୍ପାଦକ କବି ଶଶିକାନ୍ତ ଦାସଙ୍କୁ ତାଳଧ୍ୱଜ ସମ୍ପାଦକ ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ାରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ବହ୍ନିବତାସ'ର ଉନ୍ମୋଚନ ଅବସରରେ ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ରବିବାର ଗୁଲୁନଗରସ୍ଥିତ ସଞ୍ଜୀବନୀ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଉତ୍ସବ ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କବି ଦାସଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ରତ୍ନାକର ନାୟକ, ମୁଖ୍ୟବକ୍ତା କବି ଅଧ୍ୟାପକ ବୃନ୍ଦାବନ ଦାସ ଓ ସମ୍ମାନିତ ଅତିଥି ରୂପେ କବି ଅୟସକାନ୍ତ, ନଳିନୀପ୍ରଭା ବେହେରା ପ୍ରମୁଖ ଯୋଗଦେଇଥିଲେ। ମୌସୁମୀ ପତ୍ରିକାର ସମ୍ପାଦକ କବି ଡ. ଶ୍ରୀଧର ସାମଲ ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ।


କବି ଶଶିକାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅଂଶୁମାନ, ଅତନୁ ମା' ରାମଚଣ୍ଡୀଙ୍କ ଆଶିଷ ଭିକ୍ଷାକଲେ


ମନ୍ଦିର ପରିସରରେ ଦୁଇ ପ୍ରାର୍ଥୀ ଅଂଶୁମାନ, ଅତନୁ।

**ମହାକାଳପଡ଼ା, ୯।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରରେ ସନ୍ଧ୍ୟା ଆଳତି କରି ଆଶିଷ ଭିକ୍ଷା କରିଛନ୍ତି ବିଜେଡିର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ମହାକାଳପଡ଼ା ବିଧାନସଭା କ୍ଷେତ୍ର ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ। ଏହି ଅବସରରେ ବାଲିଗଡ଼ାଠାରୁ ଶୋଭାଯାତ୍ରାରେ ବାହାରି ଛପାଲି ବଜାର ଦେଇ ମା'ଙ୍କ ପୀଠରେ ପହଞ୍ଚି ଉଭୟ ନେତା ସନ୍ଧ୍ୟା ଆଳତିରେ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପରିସରରେ ଆଗାମୀ ସାଧାରଣ ନିର୍ବାଚନ ସମ୍ପର୍କରେ ରଣନୀତି କିପରି ହେବ ସେ ସମ୍ପର୍କରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଗାଁଗୁଡ଼ିକରେ ମା'ମାନଙ୍କ ଲାଗି ମିଶନ ଶକ୍ତି, କୃଷକ ମୂଲିଆ, ଖଟିଖିଆ ଓ ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପୁତ୍ର ଅଂଶୁମାନ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଭାବେ ଘୋଷଣା ପରେ ବିଜେଡି କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି। ସେହିପରି ମନ୍ତ୍ରୀ ଅତନୁଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା ପରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିବା ଦେଖିବାକୁ ମିଳୁଛି। ପରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ଆମ୍ବା ଅଧ୍ୟକ୍ଷ ବିଜୟ କୁମାର ଜେନା, ଅମରେନ୍ଦ୍ର ସାମଲ, ଯୁବନେତା ଦେବଦତ୍ତ ପରିଡ଼ା, ଜିଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ସାମଲ, ସରପଞ୍ଚ ମିଳନ ଦେବନାଥ, ଅରବିନ୍ଦ ଜେନା, ବିଶ୍ୱଜିତ୍ ବସୁ, ପ୍ରଶାନ୍ତ ସାମନ୍ତରାୟ, ସୁବାସ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ଗଙ୍ଗାଧର ପରିଡ଼ା, ମନୋଜ ପତ୍ର, ଗଗନ ପ୍ରଧାନ, ସଂଯୁକ୍ତା ଜେନାଙ୍କ ସମେତ ବହୁସଂଖ୍ୟକ କର୍ମୀ ଉପସ୍ଥିତ ଥିଲେ। ସେହିପରି ଦୁଇ ପ୍ରାର୍ଥୀ ଛଡ଼ାକର୍ଣ୍ଣିସ୍ଥିତ ଶ୍ରୀ ସତ୍ୟନାରାୟଣଙ୍କ ପୀଠରେ ପହଞ୍ଚି ଆଶିଷ ଭିକ୍ଷା କରିଥିଲେ।

## ଜୟରାଷ୍ଟ୍ର ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ

**କେନ୍ଦ୍ରାପଡ଼ା, ୯।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଜୟରାଷ୍ଟ୍ର' ପକ୍ଷରୁ ହିନ୍ଦୁ ନବବର୍ଷ ମଙ୍ଗଳବାର ପାଳନ କରାଯାଇଛି। ସହରର ସାନବାରଙ୍ଗସ୍ଥିତ ବାରଙ୍ଗେଇ ମନ୍ଦିର ପରିସରରେ ସଦସ୍ୟ ମଳୟ ସାହୁଙ୍କ ପୌରୋହିତ୍ୟରେ ବିଶ୍ୱ କଲ୍ୟାଣ ପାଇଁ ସମୂହ ପ୍ରାର୍ଥନା ଓ ଯଜ୍ଞାନୁଷ୍ଠାନ ହୋଇଥିଲା। ଏ ସମ୍ପର୍କରେ କର୍ମକର୍ତ୍ତା ଜ୍ୟୋତିପ୍ରକାଶ ନାୟକ କହିଛନ୍ତି, ସନାତନ ସଂସ୍କୃତିରେ ନବବର୍ଷ ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦାରେ ଅନୁଷ୍ଠିତ ହୋଇଥାଏ। ଏଥିସହିତ ଭୂ ସୃଷ୍ଟି ଦିବସ ଆଜିର ଦିନରେ ହୋଇଥିଲା। ଭଗବାନ ରାମଙ୍କ ରାଜାଭିଷେକ ଏହି ତିଥିରେ କରାଯାଇଥିଲା। ସନାତନ ସଂସ୍କୃତି ଜୀବନର ପ୍ରବାହ ଧାରା। ଏହି ଧାରାରେ ବିଶ୍ୱ ହିତ ଚିନ୍ତା କରାଯାଇଛି। ସମସ୍ତଙ୍କ ସୁଖଶାନ୍ତି ପାଇଁ ଜୟରାଷ୍ଟ୍ର ପକ୍ଷରୁ ଏହି ନବବର୍ଷ ପାଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ଏଥିପାଇଁ ବିଭିନ୍ନ ଅଞ୍ଚଳରେ ଦେବଦେବୀଙ୍କ ପୂଜାର୍ଚ୍ଚନା, ଗୃହ ଦ୍ୱାରରେ କଳସ ସ୍ଥାପନ କରାଯାଇ ସନାତନୀ ଏହି ବର୍ଷକୁ ସ୍ୱାଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଡା. ବୀରେନ୍ଦ୍ର କୁମାର ଦାସ, ନମିତା ଜେନା, ରୀନାରାଣୀ ଦାସ, ଦୁର୍ଗାପ୍ରସାଦ ପତି, ପ୍ରଶାନ୍ତ କୁମାର ନାୟକ, ବୀରେନ୍ଦ୍ର ଦାସ ପ୍ରମୁଖ ସାମିଲ ଥିଲେ।


ହିନ୍ଦୁ ନବବର୍ଷ ଲାଗି ଜୟରାଷ୍ଟ୍ରର ସଦସ୍ୟମାନଙ୍କ ପକ୍ଷରୁ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

## ରୟାଲ ରାଇଜିଂ ଷ୍ଟାର ଚାମ୍ପିୟନ

**ରାଜନଗର, ୯।୪ (ଭାସ୍କର ରାଉତରାୟ)**

**ଡାଙ୍ଗମାଳ ପ୍ରିମିୟର ଲିଗ୍-୩ୟ ସଂସ୍କରଣ**

ରାଜନଗର ବ୍ଲକ ଡାଙ୍ଗମାଳ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଡାଙ୍ଗମାଳ ପ୍ରିମିୟର ଲିଗ୍ ୩ୟ ସଂସ୍କରଣର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୨୭ଦିନ ଧରି ଚାଲିଥିବା ଏହି ଲିଗ୍ ମ୍ୟାଚରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରୟାଲ ରାଇଜିଂ ଷ୍ଟାର ଓ ଡିଆର ଇଲେଭେନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୟାଲ ରାଇଜିଂ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୪୨ ରନ କରିଥିଲା। ରୟାଲ ରାଇଜିଂ ଷ୍ଟାର ଅଧିନାୟକ ପିଙ୍କୁ ୬୪ ରନ କରି ଅପରାଜିତ ଥିଲେ। ଜବାବରେ ଡିଆର ଇଲେଭେନ ଷ୍ଟାର ୧୦ଓଭରରେ ୮ ଉଇକେଟ ହରାଇ ୧୦୬ରନ କରି ପରାଜିତ ହୋଇଥିଲା। ରୟାଲ ରାଇଜିଂ ଷ୍ଟାର ଚମ୍ପିୟାନ ହୋଇଥିଲା। ରଶ୍ମୀ ରଞ୍ଜନ ପାଢୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପ୍ରଦାନ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାଚ ଅଫ୍ ଦି ସିରିଜ ହୋଇଥିବା ପିଙ୍କୁଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ବିଧାୟକ ସାହୁଙ୍କ ସହ ଏସିଏଫ ମାନସ କୁମାର ଦାସ, ଏସ୍‌ବିଆଇ ଡାଙ୍ଗମାଳ ଶାଖାର ପରିଚାଳକ ମନୋରଞ୍ଜନ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ୩୨ନଂ ଜୋନ ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଡାଙ୍ଗମଳା ସ୍ପୋର୍ଟ୍ସ କ୍ଲବର ଲକ୍ଷ୍ମୀଧର ପାଢୀ, ସଞ୍ଜୟ ମହାନ୍ତି, ସଞ୍ଜୟ ଦାସ, ଦିପମୀ ଦାସ, ଅଶୋକ ଦଳାଇ, ଜନକର ନାୟକ, ହିମାଂଶୁ ଦାସ, ତନ୍ମୟ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବାବୁଲି ଦଳାଇ, ରୋହିତ ବେହେରା, ଖେଳର ଧାରାବିବରଣୀ ରାଜକିଶୋର ଜେନା ପ୍ରଦାନ କରିଥିଲେ।

## ମାତାପିତା ହିଁ ଶ୍ରେଷ୍ଠ ଦେବତା

**କେନ୍ଦ୍ରାପଡା, ୯।୪ (ଜଗନ୍ନାଥ ଧଳ)**

ଆଧ୍ୟାତ୍ମ ଚେତନା ମନୁଷ୍ୟକୁ ଦେବତୁଲ୍ୟ କରେ। ଏଥିପାଇଁ ସତ୍‌ସଙ୍ଗର ଆବଶ୍ୟକତା ଅଛି। ପରିବେଶ ସୁରକ୍ଷା ଓ ପ୍ରକୃତିର ରକ୍ଷା ଦେବକାର୍ଯ୍ୟ। ତେବେ ମାତାପିତା ହିଁ ସନ୍ତାନମାନଙ୍କ ପାଇଁ ଶ୍ରେଷ୍ଠ ଦେବତା ବୋଲି ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ସୋମବାର ଆଶୀର୍ବଚନରେ ପ୍ରକାଶ କରିଛନ୍ତି। ଅନନ୍ତ ବଳିଆ ସେବା ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଶ୍ରୀଚନ୍ଦନପୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ଗୀତା ଜ୍ଞାନ, ଶିଶୁ ଅନନ୍ତ ଦର୍ଶନ ସହ ସଂକୀର୍ତ୍ତନ କରିଥିଲେ। ବାବା ବଳିଆ କହିଥିଲେ ଯେ, ପୂଜାର ଅର୍ଥ ସମର୍ପଣ। ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପିତ ରଖିବା ଦ୍ୱାରା ମାନସିକ ଶାନ୍ତି ମିଳେ। ଈଶ୍ୱରଙ୍କ ସୃଷ୍ଟିକୁ ଆଦର ଆବଶ୍ୟକ। ପରିବେଶ ସୁସ୍ଥ ପାଇଁ ଗଛର ଆବଶ୍ୟକତା ପରି ସନ୍ତାନର ସୁପଥ ପାଇଁ ମାତାପିତାଙ୍କ ଆଶୀର୍ବାଦ କାମ୍ୟ ହେବା ଉଚିତ। ସଂଘ କର୍ମକର୍ତ୍ତା ପଣ୍ଡିତ ଭିକାରୀ ଚରଣ ଦାସ, ନକୁଳ ପାତ୍ର, ସୁଶାନ୍ତ ରାଉତ, ପ୍ରତାପ ପାତ୍ର, ରତ୍ନାକର ଦାସ, ସୁଧାକର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଭାଜପା ଆଶାୟୀଙ୍କ ମଧ୍ୟରେ ଟଣାଓଟରା

**ପଟ୍ଟାମୁଣ୍ଡାଇ, ୯।୪ (କଳ୍ପତରୁ ନାୟକ)**

**ରାଜନଗର ବିଧାନସଭା କ୍ଷେତ୍ର**

**ଲୋକଙ୍କ ନିକଟତର ହେବା ପରିବର୍ତ୍ତେ ଭୁବନେଶ୍ୱରରେ ଡେରା**

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀରେ ସାଧାରଣ ନିର୍ବାଚନକୁ ନେଇ ପ୍ରାର୍ଥୀ ଘୋଷଣା କରିବାରେ ବିଜେଡି ଆଗୁଆ ରହିଥିବା ବେଳେ ଦଳୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ନିର୍ବାଚନ ଜିତିବାର ଆଶା ବୃଦ୍ଧି ପାଇଛି। ବିଜେଡି ପୁଣି ଧ୍ରୁବ ସାହୁଙ୍କୁ ପ୍ରାର୍ଥୀ କରିଥିବାରୁ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇ ବିଜେଡି କର୍ମୀମାନେ ଲୋକଙ୍କ ନିକଟକୁ ଯିବା ଆରମ୍ଭ କଲେଣି। ହେଲେ ବିଧାନସଭା ପ୍ରାର୍ଥୀ ଘୋଷଣା କ୍ଷେତ୍ରରେ ଭାଜପା ପଛରେ ପଡ଼ିଥିବାରୁ ଭାଜପା ଆଶାୟୀଙ୍କ ମଧ୍ୟରେ ଟଣାଓଟରା ଜାରି ରହିଛି। ଘୋଷଣା ହେବାକୁ ଥିବା ଭାଜପା ବିଧାନସଭା ଟିକେଟକୁ ନେଇ ଆଶାୟୀ ଚିନ୍ତାରେ ପଡ଼ିଥିବା ବେଳେ ଲୋକଙ୍କ ନିକଟତର ହେବା ପରିବର୍ତ୍ତେ ଆଶାୟୀ ଓ ତାଙ୍କ ସମର୍ଥକମାନେ ଭୁବନେଶ୍ୱରରେ ଭିଡ଼ ଜମାଇଛନ୍ତି। ମାତ୍ର ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳୁନାହାନ୍ତି। ଫଳରେ ଲୋକେ ଭାଜପା ଉପରୁ ମୁହଁ ଫେରଇବା ଆରମ୍ଭ କଲେଣି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ବିଧାନସଭା ପ୍ରାର୍ଥୀମାନେ ଟିକେଟ ବଣ୍ଟା ଆରମ୍ଭ ହେବା ଦିନରୁ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଏଠାରେ ପୂର୍ବତନ ବିଧାୟକ ଅଲେଖ ଜେନା ଟିକେଟ ପାଇବା ପାଇଁ ଜୋରଦାର ଉଦ୍ୟମ ଚଳାଇଥିବା ବେଳେ ପଟ୍ଟାମୁଣ୍ଡାଇର ଯୁବନେତା ଶଶିକାନ୍ତ ସ୍ୱାଇଁ ଛାତ୍ର ଜୀବନରୁ ରାଜନୀତିରେ ପ୍ରବେଶ କରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ଜଡିତ ଥାଇ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ ରଖି ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ଜନସାଧାରଣଙ୍କ ପାଖରେ ରହିଥିବାରୁ ସେ ମଧ୍ୟ ଟିକେଟ ପାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେହିପରି ରାଜନଗରରୁ ଅଜୟ ବେହେରା ଓ ଲଳିତ ବେହେରା ମଧ୍ୟ ଅଭିଯାନ ଜାରି ରଖିଛନ୍ତି। ଭାଜପାର ବରିଷ୍ଠ ନେତାମାନେ ଏମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଏଯାଏ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଏଭଳି ସ୍ଥିତିରେ ଦଳ ଏମାନଙ୍କୁ ବାଦ୍ ଦେଇ ଅନ୍ୟ ବିକଳ୍ପ ସନ୍ଧାନରେ ଥିବା ଚର୍ଚ୍ଚା ହେଉଛି। ଏ ନେଇ ବିଜେଡିର ଦୁଇ ନେତାଙ୍କ ନାମ ମଧ୍ୟ ଚର୍ଚ୍ଚାର ପରିସରକୁ ଆସିବାରେ ଲାଗିଲାଣି ବୋଲି ସମୀକ୍ଷକମାନେ ମତ ଦେଲେଣି।




ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲା ରାଜନୀତିର ଦୃଶ୍ୟପଟରେ ଆଗଧାଡିର ବିରୋଧୀ ଦଳ ଭାବେ କଂଗ୍ରେସ ଥିବା ବେଳେ ଶିବିରରୁ ଜଣକ ପରେ ଜଣେ ନେତା ଦଳ ଛାଡ଼ି ବିଜେଡିରେ ସାମିଲ ହେଉଛନ୍ତି। ପୂର୍ବତନ ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ବିଜେଡିରେ ମିଶିବା ପରେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇ ସାରିଥିବା ବେଳେ କେନ୍ଦ୍ରାପଡ଼ାର ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା ୭ ତାରିଖରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ଏ ନେଇ କଂଗ୍ରେସ ନେତା ଶୂନ୍ୟ ହୋଇପଡ଼ିଥିବା ବେଳେ ଏହି ରାଜନଗର ବିଧାନସଭାର ଦାୟିତ୍ୱ କାହାକୁ ହସ୍ତାନ୍ତର କରାଯିବ ବୋଲି ବିଚାର ବିମର୍ଶ ଚାଲିଛି। ତେବେ ଯୁବନେତା ସମ୍ରାଟ ଜେନା ଏଥିପାଇଁ ଯୋଗ୍ୟ ବୋଲି ଆଲୋଚନା ହେଉଥିବା ବେଳେ ଅନ୍ୟତମ ଆଶାୟୀ ଭାବେ ପୂର୍ବତନ ମହିଳା ସଭାନେତ୍ରୀ ସ୍ନେହଲତା ରାୟ ଓ ପୂର୍ବତନ ଜିଲା ଯୁବ ସଭାପତି ସତ୍ୟପ୍ରିୟ ସାମଲ କଂଗ୍ରେସ ଟିକେଟ ପାଇଁ ଏଆଇସିସିକୁ ଦରଖାସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜନଗର ବିଧାନସଭା କ୍ଷେତ୍ରରେ ବିଜେଡିକୁ ମୁକାବିଲା କରିବାରେ ଅନ୍ତଃ କନ୍ଦଳରେ ବୁଡି ରହିଥିବା ଭାଜପା ନା ନେତା ଶୂନ୍ୟ କଂଗ୍ରେସ ସମକ୍ଷ ହେବେ ବୋଲି ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ବାସନ୍ତିକ ନବରାତ୍ର ପୂଜା

ଆସିକା, ୯।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍ଏସିର ତାଲୁକା ରୋଡସ୍ଥିତ ବୈଷ୍ଣଦେବୀ ମନ୍ଦିରରେ ମଙ୍ଗଳବାରଠାରୁ ଦେବୀଙ୍କ ବାସନ୍ତୀକ ନବରାତ୍ର ପୂଜା ଆରମ୍ଭ ହୋଇଛି। ଏହି ପୂଜା ୧୦ଦିନ ଧରି ଚାଲିବ। ମଙ୍ଗଳବାର ଦେବୀଙ୍କ ଆବାହନ, କଳସପୂଜା, ସୂର୍ଯ୍ୟପୂଜା, ହୋମ, ଦାନ ଓ ବଳି ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପୂଜାର୍ଚ୍ଚନା ହୋଇଥିଲା। ୧୦ଦିନ ଧରି ହେଉଥିବା ଏହି ପୂଜା ଉତ୍ସବରେ ବିଭିନ୍ନ ଦିବସରେ ଦେବୀଙ୍କୁ ପୂଜା କରାଯାଇ ଶ୍ରୀରାମ ନବମୀରେ ପୂର୍ଣ୍ଣାହୁତି ହେବ। ଦଶମୀରେ ଅପରାଜିତା ପୂଜା ପରେ ନବରାତ୍ର ପୂଜାର ଉଦ୍‌ଯାପନ ହେବ ବୋଲି ମନ୍ଦିରର ପରିଚାଳକ ତଥା ମୁଖ୍ୟ ପୂଜକ ଦୁଃଖିଶ୍ୟାମ ଦାସ ସୂଚନା ଦେଇଛନ୍ତି। ବରିଷ୍ଠ କର୍ମକାଣ୍ଡବିତ ରତ୍ନାକର ଦାସଙ୍କ ଦ୍ୱାରା ଏହି ପୂଜାର୍ଚ୍ଚନା ଚାଲିଥିଲା ବେଳେ ଶ୍ରଦ୍ଧାଳୁଙ୍କ ଗହଣରେ ମନ୍ଦିର ଉତ୍ସବ ମୁଖରିତ ରହୁଛି।

## ଗୌରହରି ଯୁବ ବିଜେଡି ଜିଲା ସମ୍ପାଦକ

ଶେରଗଡ, ୯।୪ (ସୂର୍ଯ୍ୟନାରାୟଣ ଦାଶ)



ଶେରଗଡ ବ୍ଲକ ହାଡିଚିରା ଗ୍ରାମର ଗୌରହରି ବିଷୋୟୀଙ୍କୁ ବିଜେଡି ଜିଲା ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଗତ ୧୫ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ବିଜେଡିରେ ରହି କାମ କରିଆସିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏକ ପ୍ରେସ ଇସ୍ତାହାରରେ ଗୌରହରିଙ୍କୁ ଜିଲା ସଂପାଦକ ଭାବେ ଏକ ନିଯୁକ୍ତି ପତ୍ର ପ୍ରେରଣ କରିଛନ୍ତି। ନିଯୁକ୍ତି ପତ୍ର ପାଇବା ପରେ ଜିଲା ଉପସଭାପତି ତଥା ବରିଷ୍ଠ ନେତା ହୃଷିକେଷ ପାଢୀ, ସମାଜସେବୀ ଦୁର୍ଗା ପ୍ରସାଦ ବିଷୋୟୀ, ଯୁବ ନେତା ଶ୍ରୀଦୀପ ମହାପାତ୍ର, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର, ବାସୁଦେବ ସ୍ୱାଇଁ, ପାଣ୍ଡବ ବେହେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

## କର୍କଟ ରୋଗରେ ଶ୍ରମିକ ମୃତ

ପାତ୍ରପୁର, ୯।୪ (ଉମାଚରଣ ନେପାକ)

ଆଙ୍କୁଲି ପଞ୍ଚାୟତ ବୁରସାହି ଗ୍ରାମର ଦାଦନ ଶ୍ରମିକ ସୁବାସ ପାତ୍ରଙ୍କ କଟକ ଡାକ୍ତରଖାନାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ତାଙ୍କ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ କଟକରୁ ଆଣିବା ପରେ ସତ୍କାର କରାଯାଇଛି। ସୁବାସ କେରଳ ରାଜ୍ୟକୁ ଯାଇ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ଦୁଇ ମାସ ତଳେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଗ୍ରାମକୁ ଫେରିଥିଲେ। ତିନି ସପ୍ତାହ ପୂର୍ବେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ମଙ୍ଗଳବାର ଭୋର୍ ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ

ଜଗନ୍ନାଥ ପ୍ରସାଦ, ୯।୪ (ବିଭୁପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଚଢିଆପଲ୍ଲୀ ପଞ୍ଚାୟତ ଅଧିନସ୍ଥ ଯାତ୍ରା ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳା ଦେହରେ କିରାସିନି ଢ଼ାଳି ଆତ୍ମହୁତି ଉଦ୍ୟମ କରିଛନ୍ତି। ମଙ୍ଗଳବାର ସ୍ୱାମୀ ସନ୍ୟାସୀ ନାଇକ ଓ ସ୍ତ୍ରୀ ଯାଜ୍ଞସିନୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଫଳରେ ଯାଜ୍ଞସିନୀ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ପ୍ରାୟ ୭୦ଭାଗ ଜଳି ଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି।

# ଚଢ଼ାଉ ଜୋରଦାର, ପୋଲିସର ଫ୍ଲାଗ୍ ମାର୍ଚ୍ଚ

- ପରିବହନ, ଅବକାରୀ ବିଭାଗର ମିଳିତ ଚଢ଼ାଉ
- ୩୮ କେଜି ଗଞ୍ଜେଇ, କାର ଜବତ, ୨ ଗିରଫ

ଭଞ୍ଜନଗର, ୯।୪ (ବାବୁଲା ପ୍ରଧାନ)



ଜବତ କାର ସହ ପରିବହନ ଏବଂ ଅବକାରୀ ବିଭାଗର ଅଧିକାରୀମାନେ।

ଆସନ୍ତା ନିର୍ବାଚନକୁ ଅବାଧ ଓ ମୁକ୍ତ ଭାବେ ପରିଚାଳନା କରିବା ପାଇଁ ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ଜୋରସୋର ଚାଲିଛି। ଆଜକୁ କିଛିଦିନ ହେବ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଭାବେ ଚଢ଼ାଉ କରାଯାଉଛି। ଏନେଇ ପୂର୍ବରୁ ଏକାଧିକ ଲୋକଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ଉଭୟ ବିଭାଗର ଅଧିକାରୀମାନେ କନ୍ଧମାଳ ଜିଲା ଆଡୁ ବସ୍ ଏବଂ କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୂଚନା ପାଇଥିଲେ। ଏହାପରେ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଏମ୍‌ଭିଆଇ ଇନିସପେକ୍ଟର ଶର୍ମିଳା ମହାରଣା ଏବଂ ଅବକାରୀ ବିଭାଗ ଆଇଆଇସି ଡ଼ମ୍ବୁରୁଧର ହରିଜନ, ଓଆଇସି ଅଲିଭା ମାଝୀ ପ୍ରମୁଖ ଭଞ୍ଜନଗର ଫୁଲବାଣୀ ମୁଖ୍ୟରାସ୍ତାର ସୋରାଦେବୀ ମନ୍ଦିର ନିକଟରେ ରାତି ସାରା ଡେରା ପକାଇଥିଲେ। ଭୋର ସମୟରେ ଗଞ୍ଜେଇ ଚାଲାଣ ହେଉଥିବା କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୩୮କେଜି ଗଞ୍ଜେଇ ଜବତ କରିଥିଲେ। ଗାଡ଼ିର ଚାଳକ ସହ କାର ଏବଂ ଗଞ୍ଜେଇ ଜବତ କରାଯାଇଥିଲା। ପରେ ସନ୍ଦେହରେ ଆଉ ଏକ ଘରୋଇ ବସ୍‌କୁ ଯାଞ୍ଚ କରାଯାଇଥିଲା। ବସ୍‌ରୁ ଏକ ବ୍ୟାଗରୁ କିଛି ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା। ଗିରଫ ଦୁଇଜଣଙ୍କୁ ମଙ୍ଗଳବାର ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କର ଜାମିନ ନାମଞ୍ଜୁର ହେବାପରେ ଭଞ୍ଜନଗର ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ପରିବହନ ବିଭାଗ ଏଏସ୍ଆଇ ଅନସୁଦ୍ଦିନ, କନେଷ୍ଟବଲ ମୋହନ ବେହେରା ଏବଂ ଅବକାରୀ ଏଏସ୍ଆଇ ନିରଞ୍ଜନ ବେହେରା, ଭୁବନି ବେହେରା, କନେଷ୍ଟବଲ ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କ୍ରିଷ୍ଣା ସେଠୀ, ସ୍ୱାଧିନ ସାହୁ ପ୍ରମୁଖ ସାମିଲ ଥିଲେ। ସେହିଭଳି ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦ୍ରୁତ ଗାଡ଼ି ଚାଳନା, ଆବଶ୍ୟକ ଠାରୁ ଅଧିକ ପରିବହନ ସମେତ ବେନିୟମ ଭାବେ ଯାତାୟତ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି। ଏକ ବୋଲୋରୋ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ନେଉଥିବା ଯୋଗୁ ୨୫ ହଜାର ଟଙ୍କା ଜୋରିମାନା ପକାଯାଇଛି। ଆଗାମୀ ଦିନରେ ଏହିଭଳି ମିଳିତ ଚଢ଼ାଉ ଜୋରଦାର କରାଯିବ ବୋଲି ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ କହିଛନ୍ତି। ସେହିଭଳି ଭଞ୍ଜନଗର ଉପଖଣ୍ଡ ପୋଲିସ ପକ୍ଷରୁ ବାରମ୍ବାର ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି। ସୋମବାର ସହର ସମେତ ଅନ୍ୟାନ୍ୟ ଅଞ୍ଚଳରେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ସହାୟତାରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଏହି ସମୟରେ ଏସ୍‌ଡ଼ିପିଓ ସୁଜିତ କୁମାର ନାୟକ ଏବଂ ଥାନା ଅଧିକାରୀ କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ତାପମାତ୍ରା ବଢୁଛି, ଜଳଛତ୍ର ଖୋଲୁନି

ଭଞ୍ଜନଗର, ୯।୪ (ବାବୁଲା ପ୍ରଧାନ)

ଭଞ୍ଜନଗର ଅଞ୍ଚଳରେ ଦିନକୁ ଦିନ ତାପମାତ୍ରା ବଢୁଛି। ତାପମାତ୍ରା ବୃଦ୍ଧି ଯୋଗୁଁ ନଦୀ, ନାଳ, ପୋଖରୀ ଶୁଖିଲା ପଡ଼ିଲାଣି। କୂଅଗୁଡ଼ିକର ଜଳସ୍ତର ମଧ୍ୟ ବହୁତ କମିଗଲାଣି। ଭଞ୍ଜନଗର ଅଞ୍ଚଳର କେତେକ ପଞ୍ଚାୟତରେ ଲୋକେ ପାଣି ଟୋପାଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲା ଯାଇନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି। ଅପରପକ୍ଷେ ତନରଡ଼ା ଆଇଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନ ପକ୍ଷରୁ ମଙ୍ଗଳବାର କ୍ୟାମ୍ପ ସମ୍ମୁଖରେ ଜଳଛତ୍ର ଖୋଲାଯାଇଛି। ଫଳରେ ଭଞ୍ଜନଗର ବେଲଗୁଣ୍ଠା ରାସ୍ତାରେ ଯାଉଥିବା ଲୋକେ ତାହାର ସୁଫଳ ପାଇବେ। ମୌସୁମୀ ବର୍ଷା ଆସିବା ପର୍ଯ୍ୟନ୍ତ ତାହା ଚାଲିବ। ଜଳଛତ୍ରକୁ କମାଣ୍ଡିଙ୍ଗ ଅଫିସର୍ ହୃଷୀକେଶ ରଥ ଉଦଘାଟନ କରିଛନ୍ତି। ଏହି ଅବସରରେ ଡେପୁଟି କମାଣ୍ଡିଂ ଅଫିସର୍ ଲଳିତ କୁମାର ବାଘ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ




ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଛତ୍ରପୁର, ୯।୪ (ଦିଲ୍ଲୀପ ସାମଲ)

ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ ହୋଇଛି। ଉକ୍ତ ଉତ୍ସବରେ ସଂପାଦକ ପଦ୍ମଚରଣ ସାହୁ ଅଧ୍ୟକ୍ଷତା କରିଥିବାବେଳେ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ସହ କରିଥିଲେ। ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝୀ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷର ମହତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ସମ୍ପାଦକ ପଦ୍ମଚରଣ ସାହୁ ନବବର୍ଷର ଅଭିନନ୍ଦନିକା ସମସ୍ତଙ୍କୁ ପ୍ରଦାନ କରିଥିଲେ। ନବବର୍ଷରେ ବିଦ୍ୟାଳୟରେ ଖେଚୁଡ଼ି ପ୍ରସାଦ ପ୍ରସ୍ତୁତ କରି ଶିଶୁ ଓ ଅଭିଭାବକଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ପଣ୍ଡିତ ମନୋରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଗ୍ରହ ପ୍ରତିଷ୍ଠା ନିମନ୍ତେ ବିଶାଳ କଳସ ଯାତ୍ରା

ଖଲ୍ଲିକୋଟ, ୯।୪ (ପ୍ରଶାନ୍ତ କୁମାର ମିଶ୍ର)



ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ଦେବଙ୍କ ପ୍ରାସାଦ ଏବଂ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ମଙ୍ଗଳବାର କଳସ ଯାତ୍ରା, କର୍ମାରମ୍ଭ, ବ୍ରାହ୍ମଣ ବରଣ, ଶାଳା ପୂଜା ଆଦି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ଯାଏ ଚାଲିବ ବୋଲି ସୂଚନା ମିଳିଛି। ଏଥିରେ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ, ଗୋଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗ୍ରାମର ତିନି ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୂର୍ଯ୍ୟ ଉଦୟ ପୂର୍ବରୁ ନୂତନ ପିତ ବସ୍ତ୍ର ପରିଧାନ କରି ମା’ ନାରାୟଣୀଙ୍କ ପୀଠରେ ପହଞ୍ଚିଥିଲେ ଏବଂ ସେଠାରୁ ପବିତ୍ର ଚିରସ୍ରୋତା ଝରଣାର ମନ୍ତ୍ରଜଳକୁ କଳସରେ ମୁଣ୍ଡରେ ମୁଣ୍ଡେଇ ନିଷ୍ଠାର ସହିତ ଦୀର୍ଘ ୧୨ କିଲୋମିଟର ରାସ୍ତା ଅତିକ୍ରମ କରି ଗ୍ରାମ ପରିକ୍ରମା କରିବା ସହିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ଦେବଙ୍କ ମନ୍ଦିରରେ ପହଞ୍ଚି ଥିଲେ। ତେବେ ଏହି କଳସ ଯାତ୍ରାରେ ଜିଲାପରିଷଦ ସଭ୍ୟା ସୋନମ୍ ପଲେଇଙ୍କ ସମେତ ସମସ୍ତ ମହିଳା ମୁଣ୍ଡରେ କଳସ ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମର ଯୁବ ନେତା କାଲୁରାମ ମହାରଣା, କିଶୋର ପଲେଇଙ୍କ ସମେତ ଗ୍ରାମର ଯୁବଗୋଷ୍ଠୀ, ଗ୍ରାମବାସୀ ପୂର୍ଣ୍ଣ ପ୍ରାଣରେ ଲାଗିଥିବାର ଦେଖିବାକୁ ମିଳିଛି।

## ବନ୍ଧରେ ବୁଡି ଯୁବକ ମୃତ

ଛତ୍ରପୁର, ୯।୪ (ସନ୍ତୋଷ ପାଢ଼ୀ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ସାନନୋଲିଆ ନୂଆଗାଁରେ ମଙ୍ଗଳବାର ଅଘଟଣ ଘଟିଛି। ବନ୍ଧରେ ଗାଧୋଉଥିବା ବେଳେ ଅସାବଧାନତା ହେତୁ ଗାଁର ସିକିଟି ଗୁରେୟା (୫୩ ବର୍ଷ) ବୁଡି ଯାଇଥିଲେ। କିଛି ସମୟ ପରେ ସେ ଭାସୁଥିବା ବେଳେ କିଛି ଯୁବକ ଦେଖି ଗ୍ରାମରେ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଛତ୍ରପୁର ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ବ୍ୟକ୍ତିଙ୍କୁ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ଭାଜପାର ମିଶ୍ରଣ ପର୍ବ

ଆସିକା, ୭।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନ ସଭା ଆସନର ଭାଜପା ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ସରୋଜ ପାଢୀଙ୍କ ନେତୃତ୍ୱରେ ଆସିକା ବ୍ଲକର ହରଡ଼ାପଦର ଗ୍ରାମରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମର ଶତାଧିକ ବ୍ୟକ୍ତି ଅନ୍ୟ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ସେହିଭଳି ଖଣ୍ଡଦେଉଳି ପଞ୍ଚାୟତ ଅନ୍ତର୍ଗତ ସମେଇଗୁଡା ଗ୍ରାମରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେହି ଗ୍ରାମର ଶିବରାମ ଗୌଡଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ଭାଜପାରେ ସାମିଲ ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ପ୍ରାର୍ଥୀ ପାଢୀଙ୍କ ସହ ବିଜୟ ସ୍ୱାଇଁ, ସୁଶାନ୍ତ ପ୍ରଧାନ, କାଳୁ ଚରଣ ପ୍ରଧାନ, ଭିକାରୀ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନରେ ଭାଜପାର ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଆସିକାରେ ପରିବର୍ତ୍ତନ ଲାଗି ଭାଜପା ପ୍ରାର୍ଥୀ ପାଢୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ଲାଗି ନିବେଦନ କରିଥିଲେ।

# ହ୍ୟାଟ୍ରିକ ଲକ୍ଷ୍ୟରେ ବିଜେଡି

**ଛତ୍ରପୁର ନିର୍ବାଚନ ମଣ୍ଡଳୀ**

ଗଞ୍ଜାମ, ୯।୪ (ବିଦ୍ୟାଧର ସାହୁ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ଛତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଭାଜପାରୁ କୃଷ୍ଣଚନ୍ଦ୍ର ନାୟକଙ୍କୁ ଟିକେଟ ମିଳିବା ପରେ ନିଜ ନିଜ ଦଳୀୟ କର୍ମୀଙ୍କ ମହଲରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ବିଜେଡି ଛାଡ଼ି ଭାଜପାରେ ମିଶିଥିବା ବନମାଳୀ ସେଠୀ ଦୀର୍ଘ ବର୍ଷ ଧରି ଭାଜପାରେ ଦଳର ସଂଗଠନ କରି ଆସିଥିବା ପ୍ରଶାନ୍ତ କର ଓ କୀର୍ତ୍ତନ ଦାସ ପ୍ରମୁଖ ବିଧାୟକ ଟିକେଟ ଆଶାୟୀ ଥିଲେ। ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିର ଡାକ୍ତର ପ୍ରିୟାଂଶୁ ପ୍ରଧାନ ଜିତିଥିବା ବେଳେ ଗତ ନିର୍ବାଚନରେ ସୁବାସ ଚନ୍ଦ୍ର ବେହେରା ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ବିଜେଡି ବିଧାୟକ ସୁବାସ ପୁଣି ଜିତି ବିଜେଡି ହ୍ୟାଟ୍ରିକ କରିବ ବୋଲି ଦଳୀୟ ନେତାମାନେ ଆଶା ରଖିଛନ୍ତି। ତେବେ ଭାଜପା ଓ ବିଜେଡି ମଧ୍ୟରେ ଲଢେଇ ଜୋରଦାର ହେବ, ଏଥିରେ ଦ୍ୱିମତ ନାହିଁ। ଭାଜପା ମଧ୍ୟ ନିର୍ବାଚନ ରଣାଙ୍ଗନରେ ପାରିହେବାକୁ ନିଜର ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ତେବେ ଦେଖିବାକୁ ବାକି ରହିଲା ଚଳିତ ସାଧାରଣ ନିର୍ବାଚନରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କାହାର ଜିତାପଟ ହେଉଛି ?

## ଖମ୍ବେଶ୍ୱରୀ ପୀଠରେ ଚୈତ୍ର ମଙ୍ଗଳବାର

ଆସିକା, ୯।୪ (ସୁରେନ୍ଦ୍ର ନାଥ ସାହୁ): ଆସିକା ଅଞ୍ଚଳର ଆରାଧ୍ୟ ଦେବୀ ମା’ ଖମ୍ବେଶ୍ୱରୀଙ୍କ ପୀଠରେ ତୃତୀୟ ମଙ୍ଗଳବାର ଉତ୍ସବ ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇଥିଲା। ଭୋରରୁ ମନ୍ଦିର ପୂଜକଙ୍କ ଦ୍ୱାରା ପୀଠା, ମଙ୍ଗଳ ଆଳତୀ, ଅବକାଶ, ମଇଲମ ଓ ସ୍ୱତନ୍ତ୍ର ବେଶ ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଲାଗି ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଦୂରଦୂରାନ୍ତରୁ ଇଷ୍ଟଦେବୀଙ୍କ ପୀଠରେ ଶ୍ରଦ୍ଧାଳୁ ସେମାନଙ୍କ ଶିଶୁଙ୍କ ମୁଣ୍ଡନ କରିଥିଲେ। ମନ୍ଦିର ପରିଚାଳନା କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର ସମ୍ମୁଖରୁ ସ୍ୱତନ୍ତ୍ର ବେରିକେଟର ବ୍ୟବସ୍ଥା ସହ ସ୍ୱେଚ୍ଛାସେବୀ ଓ ପୋଲିସ ନିୟୋଜିତ ଥିଲେ।

# ପାଟଭୁକ୍ତାଙ୍କ ବିୟୋଗରେ ବରଦା ଗ୍ରାମରେ କ୍ୟାଣ୍ଡେଲ ଶୋଭାଯାତ୍ରା




କ୍ୟାଣ୍ଡେଲ ଶୋଭାଯାତ୍ରା।

ଗଞ୍ଜାମ, ୯।୪ (ବିଦ୍ୟାଧର ସାହୁ)

ଗତ ତିନିଦିନ ହେବ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପାଟଭୁକ୍ତା କୃଷ୍ଣ ମହାପାତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗ୍ରାମ୍ୟ କମିଟି ତତ୍ତ୍ୱାବଧାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ବରଦା ଗ୍ରାମରେ ସୋମବାର ରାତ୍ରରେ ଗ୍ରାମର ଶତାଧିକ ବୁଦ୍ଧିଜୀବୀ, ଛାତ୍ର ଓ ଗ୍ରାମବାସୀ ଏକତ୍ରିତ ହୋଇ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିଥିଲେ। ଭୁକ୍ତା ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକ ସନ୍ତପ୍ତ ପରିବାରକୁ ଧୈର୍ଯ୍ୟ, ସାହସ ପ୍ରଦାନ କରାଯିବା ନେଇ ପ୍ରାର୍ଥନା କରାଯାଇଥିଲା। ପ୍ରକାଶଯୋଗ୍ୟ, ଗତ କିଛିଦିନ ତଳେ ବ୍ରହ୍ମପୁରରୁ ଛତ୍ରପୁର ଅଭିମୁଖେ ଦଣ୍ଡୁଆଙ୍କ ସହ ପାଦରେ ଚାଲି ଚାଲି ଆସୁଥିବା ସମୟରେ ଏକ କାର ଧକ୍କାରେ ପାଟଭୁକ୍ତା କୃଷ୍ଣ ପ୍ରାଣ ହରାଇଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ମନମୁଖିକୁ ନେଇ ଉତ୍ତେଜନା

ଧରାକୋଟ, ୯।୪
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଜାହାଡ଼ା ପଞ୍ଚାୟତ ଅନ୍ତର୍ଗତ କୁସପଡା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ମନମୁଖି କାର୍ଯ୍ୟକୁ ନେଇ ମଙ୍ଗଳବାର ଉତ୍ତେଜନା ଦେଖାଯାଇଥିଲା। ଖବରପାଇ ଧରାକୋଟ ସିଡିପିଓ ସୁନୀଲ ପ୍ରଭା ରଥ ଓ ସୁପରଭାଇଜର ଲକ୍ଷ୍ମୀ ଦଳେଇ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପକ୍ଷରେ ଅଙ୍ଗନୱାଡ଼ି କର୍ମୀ ବାସନ୍ତୀ ପାଣିଗ୍ରାହୀଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଗାଁର କେତେଜଣ ବ୍ୟକ୍ତି ମାଡ ମାରିଥିବା ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ତାଙ୍କୁ ସିଡିପିଓଙ୍କ ମାଧ୍ୟମରେ ଅଭିଯୋଗ ଦଖଲ ପାଇଁ ପରାମର୍ଶ ଦେଇଥିବା ଜଣାଯାଇଛି।

କୁସପଡା କେନ୍ଦ୍ରରେ ୩୦ ଜଣ ପିଲା ରହିଥିବା ବେଳେ ଅଧିକାଂଶ ସମୟରେ ସେଠାକୁ ପିଲା ଆସୁନାହାଁନ୍ତି। ଏହି କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଗ୍ରାମର ରତିକାନ୍ତ ପଣ୍ଡା ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏହାର ତଦନ୍ତ କରି ଜିଲା ସମାଜ କଲ୍ୟାଣ ଅଧିକାରୀ ଏଡିଏମଓ ଅବଗତ କରାଇଥିଲେ। ଏହାପରେ ସିଡିପିଓ କାର୍ଯ୍ୟାଳୟ ତରଫରୁ ସଂପୃକ୍ତ କର୍ମୀଙ୍କୁ ଠିକ୍ କାମ କରିବା ପାଇଁ ଚେତାବନୀ ଦିଆଯାଇଥିବା ସିଡିପିଓ ପ୍ରକାଶ କରିଛନ୍ତି। ମଙ୍ଗଳବାର କେନ୍ଦ୍ରରେ କମ ସଂଖ୍ୟକ ପିଲା ଥିଲେ ମଧ୍ୟ ଅଧିକ ପିଲା ଥିବା ଦର୍ଶାଯାଇଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

# ବିଜେଡି ଗଡ଼ ପତନ ପାଇଁ ଭାଜପାର ରଣନୀତି

**ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା**

ଚିକିଟି, ୯।୪ (ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲାର ଚିକିଟି ନିର୍ବାଚନମଣ୍ଡଳୀ ବିଜେଡି ଗଡ଼ ଭାବରେ ପରିଚିତ। ମନ୍ତ୍ରୀ ଉଷା ଦେବୀ ଦୀର୍ଘ ୨୪ବର୍ଷ ଧରି ଅକ୍ତିଆର କରି ରହିଥିବା ଏହି ଆସନ ପାଇଁ ତାଙ୍କ ସୁପୁତ୍ର ଚିନ୍ମୟାନନ୍ଦ ଶ୍ରୀରୁପ ଦେଓଙ୍କୁ ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଦଳୀୟ ଟିକଟ ମିଳିଛି। ମେ ୧୩ ତାରିଖରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିଜେଡିର ଗଡ଼କୁ ପତନ ପାଇଁ ଭାଜପାର ପ୍ରୟାସ ଜାରି ରହିଛି। ବର୍ତ୍ତମାନ ବିଜେଡି ଓ ଭାଜପା ନିଜ ନିଜ ସମର୍ଥକଙ୍କୁ ଧରି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର ଆରମ୍ଭ ହୋଇଛି। ନିର୍ବାଚନମଣ୍ଡଳୀରେ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସ୍ଥିତି ଯାହା ଥିଲା ଏବେ ସ୍ଥିତି ବଦଳି ଯାଇଛି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଭାଜପାରେ ଯୋଗଦାନ ପରେ ଭାଜପା କର୍ମୀଙ୍କ ମହଲରେ ବିଦ୍ରୋହର ସ୍ୱର ଉଠିଥିବା ଦେଖିବାକୁ ମିଳୁଛି। ଏହି ନିର୍ବାଚନମଣ୍ଡଳୀ ଚିକିଟି ବ୍ଲକର ୧୭ ପଞ୍ଚାୟତ ଓ ପାତ୍ରପୁର ବ୍ଲକର ୨୪ଟି ପଞ୍ଚାୟତକୁ ମିଶାଇ ମୋଟ ୪୧ଟି ପଞ୍ଚାୟତ ନେଇ ଗଠିତ ହୋଇଛି। ୨୦୦୦ ମସିହାରୁ ଆଜି ଯାଏ ଦୀର୍ଘ ୨୪ ବର୍ଷ ହେଲା ଚିକିଟି ଓ ପାତ୍ରପୁର ବ୍ଲକରେ ଉଷା ଦେବୀ କ୍ଷମତାରେ ରହି ନିଜ ସ୍ଥିତି ଜାହିର କରିଥିବା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ପାତ୍ରପୁର ପଞ୍ଚାୟତ ସମିତି ସମେତ ଗୋଟିଏ ଜିଲା ପରିଷଦ ଆସନ ଭାଜପା ଝୁଲାରେ ପଡିବା ପରେ ଏଠି ସମୀକରଣ ବଦଳିବା ଅନୁମାନ କରାଯାଉଛି। ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବାକୁ ବସିଥିବା ବେଳେ କଂଗ୍ରେସ ଓ ଫରୱାର୍ଡ଼ ବ୍ଲକ ପ୍ରାର୍ଥୀ ୨୦୨୪ ନିର୍ବାଚନ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଅନୁମାନ କରାଯାଇଛି। ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ୨୦ ହଜାର ଭୋଟରେ ହାରିଥିଲେ। ବିଜେଡିର ଭୋଟ ହାର କମି ଆସୁଥିବା ବେଳେ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନିଜ ବଡ଼ ଭାଇ ରବୀନ୍ଦ୍ର ଦ୍ୟାନ ସାମନ୍ତରା କଂଗ୍ରେସରୁ ପ୍ରାର୍ଥୀ ହେବା ଏବଂ ଫରୱାର୍ଡ ବ୍ଲକରୁ ଯୁବ ଖବରଦାତା ବିଭୂଧେନ୍ଦ୍ର ପାଢ଼ୀ ବିଧାୟକ ପ୍ରାର୍ଥୀ ଭାବେ ପୁଣି ଲଢୁଛନ୍ତି। ଗତ ନିର୍ବାଚନଗୁଡିକରେ ଅନ୍ୟ ଦଳଗୁଡିକ ଭୋଟ ହାର ବହୁତ କମ ରହିଥିବା ବେଳେ ଏହି ନିର୍ବାଚନରେ ୪ ଜଣ ଯୁବ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଥିବାରୁ ଆଗକୁ ନିର୍ବାଚନ ରୋଚକ ହେବା ଏବଂ ସମୀକରଣ ବଦଳିବା ବହୁତ ସମ୍ଭାବନା ରହିଥିବା ରାଜନୀତିକ ସମୀକ୍ଷକ ଅନୁମାନ କରିଛନ୍ତି। ଚଳିତବର୍ଷ ସାଧାରଣ ନିର୍ବାଚନରେ ଚିକିଟି ବ୍ଲକର ୧୭ଗୋଟି ପଞ୍ଚାୟତରେ ମୋଟ ୧ଲକ୍ଷ ୧ ହାଜର ୮୫୨ ଭୋଟ ରହିଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୫୧୪୭୯ ଓ ମହିଳା ଭୋଟର ସଂଖ୍ୟା ୫୦ହଜାର ୩୬୯ ଓ ୪ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି, ଏଥିପାଇଁ ୧୦୯ବୁଥିରେ ନିଜର ମତଦାନ କରିବେ।



ମନୋରଞ୍ଜନ ଦ୍ୟାନସାମନ୍ତରା



ରବୀନ୍ଦ୍ର ଦ୍ୟାନସାମନ୍ତରା



ବିଭୁଧେନ୍ଦ୍ର ପାଢ଼ୀ



ଚିନ୍ମୟାନନ୍ଦ ଶ୍ରୀରୂପ ଦେବ

# ଭାଜପାରେ ମିଶିଲେ ବିଜେଡି ସମିତିସଭ୍ୟ

ପାତ୍ରପୁର, ୯।୪ (ଉମା ଚରଣ ନେପାକ)

ଚିକିଟି ନିର୍ବାଚନ ମଣ୍ଡଳୀରେ ଗତ ସୋମବାର ବିଜେଡ଼ିରେ ମିଶିଥିବା ନାରାୟଣପୁର ଗ୍ରାମର କେତେଜଣ ଯୁବକ ୬ଘଣ୍ଟା ପରେ ଭାଜପାକୁ ଫେରିଥିବା ବିଷୟ ଚର୍ଚ୍ଚା ଥମି ନ ଥିବା ବେଳେ ମଙ୍ଗଳବାର ତଣ୍ଡିପୁର ସମିତି ସଭ୍ୟ ରାମକୃଷ୍ଣ ନାୟକ ଏବଂ ଆଉ ୩ ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ଏହାଦ୍ୱାରା ଭାଜପାର ଶକ୍ତି ବୃଦ୍ଧି ଘଟିବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରକାଶ କରିଛନ୍ତି। ୨୫ ବର୍ଷ ଶାସନ କାଳରେ ଚାଷୀଙ୍କ ପାଇଁ ଜଳ ସେଚନର କୌଣସି ସୁବିଧା ହୋଇ ନ ପାରିବା, ବାଘଲଟିର ଜଳ ପାତ୍ରପୁର ବ୍ଲକକୁ ବିନିଯୋଗ କରିବା ହେଉ କିମ୍ବା ପୂରିଆସାହି ଡ୍ୟାମ ନିର୍ମାଣ କୌଣସି କ୍ଷେତ୍ରରେ ସକ୍ଷମ ହୋଇ ପାରି ନ ଥିବା ହେତୁ ମନ୍ତ୍ରୀ ଉଷା ଦେବୀଙ୍କୁ ଦାୟୀ କରି ଦଳ ଛାଡିଥିବା ପଞ୍ଚାୟତ ସମିତି ସଭ୍ୟ ପ୍ରକାଶ କରଛନ୍ତି। ନୂଆପେଣ୍ଠ ଗ୍ରାମ ର ରାମକୃଷ୍ଣ ମହାରଣା ଓ ରାଜପୁର ଗ୍ରାମର ମିଟୁ ସାମଲ ଓ ଗୋପଳକୃଷ୍ଣ ନାୟକ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରା ଓ ସାମନ୍ତରାଙ୍କ ଚାଷୀଙ୍କ ଲଢେଇରେ ଅନୁପ୍ରାଣିତ ହୋଇ ଭାଜପାରେ ମିଶିଥିବା ପ୍ରକାଶ କରିଛନ୍ତି। ମିଶ୍ରଣ ପର୍ବ ସମୟରେ ସନ୍ତୋଷ ପାତ୍ର, ଭଗବାନ ମଲ୍ଲିକଙ୍କ ସମେତ ଶତାଧିକ କର୍ମୀ ନବାଗତ କର୍ମୀଙ୍କୁ ସ୍ୱାଗତ କରିଥିଲେ।

